ଶନିବାର, ୧୭ ଫେବୃଆରୀ, ୨୦୨୪

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 50 Years



## ଖିଲି ଖିଲି ହସ

ଶିକ୍ଷକ କ୍ଲାସ୍‌ରେ ପିଲାଙ୍କୁ ପଢ଼ାଉଥିବା ସମୟରେ କହିଲେ, ପିଲାମାନେ! ମାଟି ତଳେ ଯଦି ଲାଭା ରହିଛି, ତେବେ କହିଲ , ବାହାରେ କ'ଣ ଅଛି ? ରିଙ୍କୁ –ସାର୍ ବାହାରେ ଓପୋ, ଭିଭୋ ରହିଛି।

ରାସ୍ତାରେ ଭୋଳା ସାଇକେଲ୍ ଚଲାଇବା ସମୟରେ ଶଙ୍କରକୁ ଧକ୍କା ଦେଲା। ଏହା ଦେଖି ଶଙ୍କର କହିଲା–ଆରେ ଭୋଳା, ଟିକେ ତ ଘଣ୍ଟି ବଜାଇ ଦେଇଥା'ନ୍ତୁ। ଭୋଳା– ମୁଁ କ'ଣ ଘଣ୍ଟି ଖୋଲି ତୋ' ମୁଣ୍ଡରେ ବଜାଇ ଥାଆନ୍ତି !

ପ୍ରଥମ ସାଙ୍ଗ: ସାଙ୍ଗ ଏମିତି ଜାଗା କହ, ଯେଉଁଠି ଅଧିକ ଲୋକ ଥିଲେ ସୁଦ୍ଧା କାହିଁକି ଏକୁଟିଆ ଲାଗେ ? ଦ୍ୱିତୀୟସାଙ୍ଗ:ସେଇଟା ପରୀକ୍ଷାହଲ୍।କାହିଁକି ନା ସେଠାରେ କେହି କାହାକୁ ଚିହ୍ନିପାରନ୍ତି ନାହିଁ।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.(0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଜଗତେ କେବଳ ଜଣେ ହସିବେ



**ଗପ**

ଗୋଟିଏ ଜଙ୍ଗଲରେ ବିଲୁଆ ତା' ପରିବାର ସହ ରହୁଥିଲା। ଜଙ୍ଗଲର ରାଜା ସିଂହକୁ ବିଲୁଆଟି ବହୁତ ଈର୍ଷା କରୁଥିଲା। ସେ ଜଙ୍ଗଲର ରାଜା ହେବା ପାଇଁ ସ୍ୱପ୍ନ ଦେଖୁଥିଲା। କିନ୍ତୁ କିପରି ରାଜା ହେବ? ସେ ବିଷୟରେ ତାକୁ ଜଣା ନ ଥିଲା। ପ୍ରଥମେ ସେ ସିଂହ ଶାବକମାନଙ୍କ ସହ ବନ୍ଧୁତା କଲା ଏବଂ ଦିନେ ସେ ସିଂହ ପିଲାମାନଙ୍କୁ ପଚାରିଲା, ମୋତେ ଟିକେ କୁହ? ତୁମର ବାପାଙ୍କୁ ଜଙ୍ଗଲର ରାଜା ବୋଲି ସମସ୍ତେ କିପରି ମାନୁଛନ୍ତି?

ସିଂହର ପିଲାମାନେ କହିଲେ– ଯେତେବେଳେ ବାପାଙ୍କର ଆଖି ଲାଲ ହୋଇଯାଏ, ଲାଙ୍ଗୁଡଟି ଠିଆ ହୋଇଯାଏ, କାନ ଦୁଇଟି ସିଧା ହୋଇଯାଏ ଏବଂ ବାପା ଗର୍ଜନ କରିବାରେ ଲାଗନ୍ତି, ସେତେବେଳେ ସମସ୍ତ ପ୍ରାଣୀ ଡରିଯାଇ ବାପାଙ୍କର ଆଜ୍ଞା ପାଳନ କରନ୍ତି। ଏହି ସବୁ କଥା ଶୁଣି ବିଲୁଆ ଅତି ଆନନ୍ଦିତ ହେଲା ଏବଂ ଜଙ୍ଗଲର ରାଜା ହେବାର ତରିକା ତାକୁ ମିଳିଗଲା। ଖୁସିରେ ଘରକୁ ଯାଇ ଦର୍ପଣ ଆଗରେ ଠିଆ ହୋଇ ଆଖି ଲାଲ କରି କାନକୁ ସିଧା କରି, ଲାଙ୍ଗୁଡକୁ ଠିଆ କରି ରଖିଲା। ନିଜର ଚେହେରା ଦେଖି ସନ୍ତୁଷ୍ଟ ହୋଇ ପାରିଲା ନାହିଁ, ତଥାପି ବିଲୁଆ ତା ପତ୍ନୀକୁ ଡାକି କହିଲା – ଆରେ ଟିକେ ଦେଖ ତ... ମୋର ଆଖିଗୁଡିକ ଲାଲ ଲାଲ ଦେଖାଯାଉଛି ତ... ମୋର ଲାଙ୍ଗଟି ଠିଆହୋଇ ରହିଛି ତ... ମୋର କାନ ଦୁଇଟି ସିଧା ରହିଛି ତ...। ବିଲୁଆର ପତ୍ନୀ ତାକୁ ଉପର ପର୍ଯ୍ୟନ୍ତ ଭଲ କରି ଦେଖିଲା ଏବଂ ହସି ହସି କହିଲା– କାହିଁ ସେମିତି କିଛି ପରିବର୍ତ୍ତନ ମୁଁ ତୁମଠାରେ ଦେଖିପାରିଲି ନାହିଁ। ଏହା ଶୁଣି ବିଲୁଆ ଜୋରରେ ରାଗିଯାଇ କହିଲା– ଠିକ୍‌ରେ ଦେଖ– ତୁ ଅନ୍ଧୁଣୀ ହୋଇଗଲୁ ବୋଧହୁଏ। ତୋ ଆଖିକୁ ଆଉ କିଛି ଦେଖା ଯାଉନାହିଁ। ସେ ପୁଣି ଭଲ ଭାବରେ ଦେଖିଲା– କିଛି ପରିବର୍ତ୍ତନ ଅନୁଭବ କରିପାରିଲା ନାହିଁ। କିନ୍ତୁ କ'ଣ କହିବ ବୋଲି ଭାବି ଭୟ ଓ ବିଭ୍ରାନ୍ତିରେ କହିଲା – ହଁ ହଁ ଆଖି ନାଲି ଦେଖାଯାଉଛି ଏବଂ ଲାଙ୍ଗୁଡଟି ଠିଆହୋଇ ରହିଛି।

ଏହା ଶୁଣି ବିଲୁଆଟି ଆନନ୍ଦରେ ଗଦ୍ ଗଦ୍ ହୋଇ ଆତ୍ମଗର୍ବରେ ସିଂହ ପାଖରେ ପହଞ୍ଚିଗଲା। ଗର୍ବରେ ସିଂହକୁ ଭର୍ତ୍ସନା କରି କହିଲା– ଆରେ! ବାହାରକୁ ଆସି ଦେଖ୍ ଜଙ୍ଗଲର ପ୍ରକୃତ ରାଜା କିଏ? ସିଂହ ଶୋଇଥିଲା। ଭର୍ତ୍ସନା ଶୁଣି ସିଂହ ଛୁଆ ବାହାରକୁ ଆସି କହିଲା– ବାପା ଶୋଇଛନ୍ତି। ଉଠିଲେ ଅସୁବିଧା ହେବ ତେଣୁ ତୁମେ ଯଥାଶୀଘ୍ର ଏଠାରୁ ଚାଲିଯାଅ। ବିଲୁଆଟି କହିଲା– ତୁମ ବାପାଙ୍କୁ ମୁଁ ଡରୁ ନାହିଁ। ତାଙ୍କୁ ଦେଖେଇ ଦେବାକୁ ଆସିଛି, ଜଙ୍ଗଲର ପ୍ରକୃତ ରାଜା କିଏ? ସିଂହ ଶାବକଟି ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ବିଲୁଆ ବୁଝିଲା ନାହିଁ। ଶେଷରେ ସିଂହ ଛୁଆଟି ବିଲୁଆର ମୁହଁକୁ ଏକ ପଞ୍ଝା ମାରିଲା। ସିଂହ ଛୁଆର ମାଡରେ ବିଲୁଆର ହୋସ୍ ଉଡିଗଲା। ତାକୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା। ପୁଅର ମାଡ ଯଦି ଏତିକି, ବାପର ମାଡ କେତେ ଜୋର୍ ନ ଥିବ! ଏହା ଭାବି ଜଙ୍ଗଲକୁ ଦୌଡିଲା। ପ୍ରାଣୀମାନେ ଏହାକୁ ଦେଖି ହସୁଥିଲେ। ସତରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଭାଷାରେ– କେହି ଯଦି ନିଜକୁ ବଦଳାଇ ଅନ୍ୟ ଭଳି ହେବାକୁ ଚେଷ୍ଟା କରେ ତେବେ ସମସ୍ତେ ତାକୁ ଉପହାସ କରିବେ।

**–ଲଳିତ ମୋହନ ମିଶ୍ର**, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ମତାମତ

▸▸ 'ପାଖେଇ ଆସୁଛି ପରୀକ୍ଷା' ବିଷୟଟି ପଢ଼ି ପରୀକ୍ଷା ସମ୍ପର୍କିତ କେତୋଟି ଟିପ୍ସ ଜାଣିପାରିଲି। ଏହାକୁ ମଧ୍ୟ ମୋ ପରୀକ୍ଷା ସମୟରେ ଅନୁସରଣ କରିବି, ଯାହା ମୋ ଲାଗି ଉପାଦେୟ ହୋଇପାରିବ।

– ପିନାକୀ ରାଉତ, କେନ୍ଦୁଝର

▸▸ କେତୋଟି ସହରର ନିକ୍‌ନେମ୍ ସମ୍ପର୍କରେ ଜାଣିହେଲା। ଏଭଳି ଶିକ୍ଷଣୀୟ ବିଷୟ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।

– ଦିନେଶ ସାହୁ, ନିମାପଡ଼ା, ପୁରୀ

▸▸ 'କହିଲ ଦେଖି' ପଢ଼ିବାକୁ ଭଲ ଲାଗୁଛି।

– ସୁନିଲ ମହାନ୍ତି, ରାଉରକେଲା

## ରଙ୍ଗ ଦିଅ



# ବିଛା



**ଅତ୍ୟନ୍ତ ବିଷାକ୍ତ ମନେହେଉଥିବା ବିଛା ମଧ୍ୟ ପରିବେଶ ପରିସଂସ୍ଥାନ ନିମନ୍ତେ ଜରୁରୀ। ଜାଣନ୍ତୁ ଏହି ଜୀବ ବିଷୟରେ କିଛି ସ୍ୱତନ୍ତ୍ର କଥା।**

➲ପୃଥିବୀରେ ବାସ କରୁଥିବା ସର୍ବପୁରାତନ ପ୍ରାଣୀମାନଙ୍କ ମଧ୍ୟରେ ରହିଛି ବିଛା। ଜଣାଯାଏ କି ବିଲୁପ୍ତ ହୋଇ ସାରିଥିବା ଡାଏନୋସର ସମୟରୁ ଅଛନ୍ତି ବିଛା।

➲ବୁଢ଼ିଆଣୀ କିମ୍ବା ମାଛି ଭଳି ବିଛାର ଯଦିଓ ଅଧିକ ଗୋଡ ରହିଥାଏ କିନ୍ତୁ ସେମାନେ ଆଦୌ କୀଟ ଶ୍ରେଣୀର ନୁହନ୍ତି।

➲ବିଛା ଦଂଶନ କଲେ ତା' ବିଷ ପ୍ରଭାବରେ ମଣିଷ ହୁଏତ ମୃତ୍ୟୁମୁଖରେ ବି ପଡିପାରେ। ଅନ୍ୟପକ୍ଷରେ ବିଛା ବିଷରୁ ଏବେ ବିଭିନ୍ନ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ମଧ୍ୟ ତିଆରି କରାଯାଉଛି।

➲ବିଛା ଉଭୟ ସ୍ଥଳଭାଗ ଓ କେତେକ ଜଳଭାଗରେ ମଧ୍ୟ ଦେଖାଯାନ୍ତି। କେତେକ ପ୍ରଜାତିର ସାମୁଦ୍ରିକ ବିଛା ୩ ଫୁଟ୍ ଅର୍ଥାତ ୧ ମିଟର ଲମ୍ବର ହୋଇଥାନ୍ତି।

➲ସାଧାରଣତଃ ଇଟା ପଥର କିମ୍ବା ମାଟି ତଳେ ଏମାନେ ବାସ କରନ୍ତି। ଦେଖିବାକୁ କଳା, ମାଟିଆ, ବ୍ରାଉନ କିମ୍ବା ସାମାନ୍ୟ ହଳଦିଆ ରଙ୍ଗର।

➲ବିଶ୍ୱରେ ମୋଟ ୨୦୦୦ରୁ ଅଧିକ ପ୍ରଜାତିର ବିଛା ଅଛନ୍ତି। ଏମାନେ ୨୦ରୁ ୩୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ରହିବାକୁ ପସନ୍ଦ କରନ୍ତି। କିନ୍ତୁ ଅତ୍ୟନ୍ତ ଥଣ୍ଡା ଏବଂ ଅତ୍ୟନ୍ତ ଗରମ ପରିବେଶକୁ ମଧ୍ୟ ଏମାନେ ସହ୍ୟ କରିପାରନ୍ତି।

➲ବିଛା ମୁଖ୍ୟତଃ କୀଟପତଙ୍ଗ ଏବଂ ବୁଢ଼ିଆଣୀ ଶିକାର କରିଥାନ୍ତି। କିନ୍ତୁ କେତେକ ପ୍ରଜାତିର ବିଛା ଝିଟିପିଟି ଏବଂ ମୂଷାକୁ ମଧ୍ୟ ଶିକାର କରିପାରନ୍ତି।

➲୧୫୦୦ ପ୍ରଜାତିର ବିଛା ମଧ୍ୟରୁ ମାତ୍ର ୨୫ ପ୍ରଜାତିର ବିଛା ମଣିଷଙ୍କୁ ମାରିପାରିବାର କ୍ଷମତା ରଖନ୍ତି।

# ଜିଦ୍

**ପିଲାମାନେ ସାଧାରଣତଃ ବିଭିନ୍ନ କାରଣ ପାଇଁ ଜିଦ୍ କରନ୍ତି। ଅବଶ୍ୟ ଜିଦ୍ କରିବା ପିଲାଙ୍କର ଖରାପ ଗୁଣ ବୋଲି ଅନେକେ ଭାବନ୍ତି, ମାତ୍ର ସକାରାତ୍ମକ ଢଙ୍ଗରେ ଏହି ଗୁଣ ସଫଳତା ମନ୍ତ୍ର ଭଳି।**



ପିଲାମାନେ କୌଣସି କଥା ପାଇଁ ଜିଦ୍ କରି ବସିଲେ ତାହା ପୂରଣ ନ ହେବା ଯାଏ ପରିସ୍ଥିତି ଖରାପ କରି ଦିଅନ୍ତି। ତେବେ କୌଣସି ଜିନିଷ ଅଥବା କାମ ପାଇଁ ଜିଦ୍ କରିବା ପୂର୍ବରୁ ପିଲାମାନେ ଜାଣି ରଖିବା ଦରକାର କି ପ୍ରକୃତରେ ଏହାର ଯଥାର୍ଥତା କ'ଣ ରହିଛି। ତେଣୁ ଠିକ୍ ଢଙ୍ଗରେ ସକାରାତ୍ମକ ଜିଦ୍ ହୋଇଥିଲେ ସେହି ଗୁଣ ବି ସଫଳତାର ମନ୍ତ୍ର ହୋଇପାରେ। ତେଣୁ ପିଲାମାନେ କେଉଁ ସବୁ କ୍ଷେତ୍ରରେ ଜିଦ୍ କରିବା ଦରକାର ସେସବୁ ଜାଣନ୍ତୁ।

## ସକାରାତ୍ମକ ଜିଦ୍

ପ୍ରଥମ କଥା ହେଉଛି ପିଲାମାନେ ପ୍ରଥମେ ନିଜ ପାଖରେ ହିଁ ଜିଦ୍ କରିବା ଦରକାର। କୌଣସି କାମ କରିବା ଲକ୍ଷ୍ୟ ନେଇ ସେଠାରେ ପହଞ୍ଚିବା ନିମନ୍ତେ ମନରେ ସଙ୍କଳ୍ପ ବା ଜିଦ୍ କରନ୍ତୁ। ଯଦି ପରୀକ୍ଷା ପାଖେଇ ଆସୁଥାଏ ତେବେ ପରୀକ୍ଷାରେ ଏକ ନିର୍ଦ୍ଦିଷ୍ଟ ନମ୍ବର ରଖିବାର ଜିଦ୍ କରିବାକୁ ହେବ। ଆଉ ସେହି ଜିଦ୍ ଅନୁସାରେ ହିଁ ନିଜକୁ ପ୍ରସ୍ତୁତ କରିବାକୁ ପଡିବ। ପରୀକ୍ଷା ହେଉ କି ଅନ୍ୟ କୌଣସି ଭଲ ଅଭ୍ୟାସ ଅବା ନିଜକୁ ଭିନ୍ନ ଓ ସଫଳଭାବେ ଗଢି ତୋଳିବା ପାଇଁ ହେଉ ସେଥି ନିମନ୍ତେ ମନରେ ଜିଦ୍ କରି ସବୁକିଛି ସେହି ଅନୁସାରେ କରିବାକୁ ହେବ। ଏଭଳିଭାବେ ପିଲାମାନେ ନିଜର ଜିଦ୍ କରିବା ଗୁଣକୁ ସକାରାତ୍ମକ ଢଙ୍ଗରେ ବଦଳାଇ ସଫଳତା ହାସଲ କରିପାରିବେ।

## ପ୍ରେରଣା

କୌଣସି ଏକ ଟାର୍ଗେଟରେ ପହଞ୍ଚିବା ନେଇ ଯଦି କେହି ଚ୍ୟାଲେଞ୍ଜ କରନ୍ତି ତେବେ ସେଭଳି କ୍ଷେତ୍ରରେ ନିଜ ଜିଦ୍‌କୁ ଦୃଢ କରନ୍ତୁ। ଅନ୍ୟମାନଙ୍କର ଚ୍ୟାଲେଞ୍ଜକୁ ପ୍ରେରଣା ଭାବି କାମ କରନ୍ତୁ। କିନ୍ତୁ ଅଭିଭାବକଙ୍କ ସହ କୌଣସି ପ୍ରକାରର ଯୁକ୍ତି କରନ୍ତୁ ନାହିଁ। ବରଂ ସେମାନଙ୍କ ସହ ପରାମର୍ଶ କରନ୍ତୁ। କୌଣସି କାମ ପାଇଁ ଆପଣ ଯଦି ଜିଦ୍ କରୁଥାନ୍ତି ତେବେ ସେନେଇ ତାଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ।

## ବିକଳ୍ପ

କେଉଁ ଉଦ୍ଦେଶ୍ୟରେ ପିଲାମାନେ ଜିଦ୍ କରୁଛନ୍ତି ସେନେଇ ପ୍ରଥମେ ଅଭିଭାବକଙ୍କୁ ବୁଝାଇ କହିବା ଦରକାର। ତେବେ ଜିଦ୍‌ର ଅନ୍ୟ କ'ଣ ସବୁ ବିକଳ୍ପ ହୋଇପାରେ ସେକଥା ହୁଏତ ଅଭିଭାବକ କହିପାରନ୍ତି। ପ୍ରକୃତରେ ପିଲାମାନେ ଯାହା ଚାହୁଁଛନ୍ତି ତା'ର ଅନ୍ୟ କିଛି ସମାଧାନ ଥିଲେ ଗ୍ରହଣ କରନ୍ତୁ। କେବଳ ନିଜ କଥାର ଗୁରୁତ୍ୱ ରଖିବା ପାଇଁ ଅଡି ବସିବା ଏକ ଭୁଲ ନିଷ୍ପତ୍ତି ହୋଇପାରେ।

## ଅଭିଭାବକଙ୍କୁ ବନ୍ଧୁ ଭାବନ୍ତୁ

ଅନ୍ୟ କାହାଠାରୁ ପ୍ରଭାବିତ ହୋଇ କିଛି ଜିନିଷ ଅବା କାମ କରିବା ପାଇଁ ଜିଦ୍ କରିବା ଭୁଲ୍ ନିଷ୍ପତ୍ତି। ଯଦି କେହି ଏପରି ଏକ ଇଚ୍ଛା ଅଭିଭାବକଙ୍କ ଆଗରେ ରଖିଥାନ୍ତି ତେବେ ସେମାନେ ଖୋଲାଖୋଲି କଥା ହୁଅନ୍ତୁ। ନିଜ ଜିଦ୍‌ର କାରଣ ମଧ୍ୟ କୁହନ୍ତୁ। ଅଭିଭାବକଙ୍କୁ ନିଜର ବନ୍ଧୁ ଭଳି ଭାବି ତାଙ୍କ ସହ ମନକଥା ସମ୍ପୂର୍ଣ୍ଣ ଖୋଲି କୁହନ୍ତୁ। ଯଦି ପିଲାଙ୍କ ଭବିଷ୍ୟତ ପାଇଁ ଭଲ ହୋଇଥିବ ତେବେ ଅଭିଭାବକମାନେ ନିଶ୍ଚୟ ଗ୍ରହଣ କରିବେ ନଚେତ୍ ଉଚିତ ପରାମର୍ଶ ଦେବେ। ତେଣୁ ତାଙ୍କ କଥାକୁ ଗ୍ରହଣ କରିନେବା ଦରକାର।

## ଜିଦ୍‌ରେ ପାଠ ପଢ଼ିଲି



ଯିଏ ବି କୌଣସି କାମ କରିବା ପାଇଁ ଜିଦ୍ କରିବ ସେ ନିଶ୍ଚୟ ସଫଳତା ହାସଲ କରିବ। ଏକଥା ଆମକୁ ସାର୍‌ମାନେ କୁହନ୍ତି। ତେଣୁ ଏକଥାକୁ ଗ୍ରହଣ କରି ଜୀବନରେ ଆଗେଇବାକୁ ଚେଷ୍ଟା କରୁଛି। ଆଗରୁ ମୋର ଇଂରାଜୀ ଭଲ ହେଉ ନ ଥିଲା। ତେଣୁ ଏହି ବିଷୟ ପ୍ରତି ଯେମିତି ଭୟ ନ ରହିବ ଏବଂ ମୋର ଇଂରାଜୀରେ କିପରି ଭଲ ମାର୍କ ଆସିବ ସେନେଇ ମନେ ମନେ ଚିନ୍ତା କରିଥିଲି। ସେହି ଦିନରୁ ଗୋଟିଏ ଜିଦ୍‌ରେ ପାଠ ପଢିଲି। ଯାହା ବୁଝିପାରୁ ନ ଥିଲି କିମ୍ବା ମନେ ରହୁ ନ ଥିଲା ବାରମ୍ବାର ପଢିବା ପରେ ପରିସ୍ଥିତି ବଦଳି ଯାଇଛି। ଏବେ ମୋର ଇଂରାଜୀରେ ପୂର୍ବ ଅପେକ୍ଷା ଅଧିକ ନମ୍ବର ଆସୁଛି। ମତେ ନିଜକୁ ବହୁତ ଖୁସି ଲାଗୁଛି ଯେ ଇଂରାଜୀ ବିଷୟ ପ୍ରତି ମୋର ଆଉ ଭୟ ନାହିଁ।

**–ଶୁଭମ୍ ସାନିଧ୍ୟ ଜେନା,** କ୍ଲାସ–୧୦, ଆଇ. ଆର. ଡିଏଭି ପବ୍ଲିକ ସ୍କୁଲ, କଟକ

## ନିଜକୁ ବୁଝାଏ



ଜଣେ ଯଦି ଜିଦ୍ କରି କିଛି କରିବାକୁ ଚାହିଁବ ସେଥିରେ ସେ ସଫଳ ହେବ ନିଶ୍ଚୟ। ତେଣୁ ସମସ୍ତେ ସବୁବେଳେ କିଛି ଭଲ କାମ କରିବା ପାଇଁ ଜିଦ୍ କରିବା ଦରକାର। ମୋର କୌଣସି କାମ କି ବ୍ୟବହାର ଭୁଲ୍ ବୋଲି କେହି କହିଲେ ତାକୁ ତୁରନ୍ତ ସୁଧାରିନେବାକୁ ଚେଷ୍ଟା କରେ। ତେବେ ଜିଦ୍‌ରେ କିଛି ବି କରିବାକୁ ଭାବିଲେ ନ ସରିବା ଯାଏ ଶାନ୍ତି ଲାଗେ ନାହିଁ। ଅବଶ୍ୟ ବେଳେବେଳେ ରାଗିଗଲେ ଜିଦ୍ କରିବାକୁ ଇଚ୍ଛା ହୁଏ କିନ୍ତୁ ନିଜକୁ ଭଲ ମନ୍ଦ ବୁଝାଇବା ପାଇଁ ଚେଷ୍ଟା କରେ। ସେହି ଅନୁସାରେ ଏବେ ବି ସଫଳ ହେବାକୁ ଚେଷ୍ଟା କରୁଛି।


**–ଶୁଭଶ୍ରୀ ତନୟା,** କ୍ଲାସ–୭, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର

## ସଫଳତା ନିଶ୍ଚୟ ମିଳିବ



ପିଲାଦିନରୁ ଜିଦ୍‌ରେ କୌଣସି କାମ କଲେ ସଫଳତା ନିଶ୍ଚୟ ମିଳିବ। କିନ୍ତୁ ନିଜ ଜିଦ୍ ଅନୁସାରେ ପିଲାକୁ ଶତ ପ୍ରତିଶତ ପରିଶ୍ରମ କରିବାକୁ ହେବ। ତେବେ କୌଣସି ସମୟରେ ବି ପିଲାକୁ କିଛି କରିବା ପାଇଁ ଅଭିଭାବକମାନେ ଚାପ ପକାଇବା ଉଚିତ୍ ନୁହେଁ। ପିଲାଙ୍କୁ ଯଦି ନିଜର ଖୁସି ଅନୁସାରେ କିଛି କରିବା ପାଇଁ ସ୍ୱାଧୀନତା ଦିଆଯାଏ ଆଉ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଜିଦ୍ କରେ ତାହେଲେ ତାକୁ ସଫଳ ହେବାରୁ କେହି ଅଟକାଇ ପାରିବେ ନାହିଁ। ତେବେ ପିଲାଙ୍କୁ ସେହିଭଳି ଗାଇଡ୍ କରିବାକୁ ବି ହେବ ଯେପରି ସେ ନିଜ ଜିଦ୍‌କୁ ଏକ ସକାରାତ୍ମକ ଢଙ୍ଗରେ ପ୍ରୟୋଗ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା କରିବ। ଆଉ ଥରେ ପିଲାମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଜିଦ୍ କରି ଚେଷ୍ଟା ଆରମ୍ଭ କଲେ ସେମାନେ ନିଶ୍ଚୟ ସଫଳତାର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିପାରିବେ। ଯଦି ପ୍ରଥମ ପ୍ରୟାସରେ କେହି ସଫଳ ନ ହୁଅନ୍ତି ତେବେ ପୁନର୍ବାର ପ୍ରୟାସ କରିବା ଦରକାର।

**– ମୌସୁମୀ ମିଶ୍ର, ଅଧ୍ୟାପିକା** (ମନସ୍ତତ୍ତ୍ୱ ବିଭାଗ), ଭି.ଏନ୍ ଅଟୋନୋମସ୍ କଲେଜ, ଯାଜପୁର ରୋଡ୍



୧ **ଅନ୍ୱେଶ ମହଲା**
କ୍ଲାସ-୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର





୨ **ଆୟୁଷ ମିଶ୍ର**
କ୍ଲାସ-୮, ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର

୩ **ରିୟାନ୍ସ ପଣ୍ଡା**
କ୍ଲାସ- ୪, ନ୍ୟୁ ହରାଇଜନ୍ ଗୁରୁକୁଳ, ବେଙ୍ଗାଲୁରୁ





୪ **ରବି ନାରାୟଣ ପରିଜା**
କ୍ଲାସ-୫, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର

୫ **ରୁପାଲି ସାମଲ**
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠପୁର, ଢେଙ୍କାନାଳ





୬ **ମମତା ନାଗ**
କ୍ଲାସ- ୭, ସରକାରୀ ୟୁ.ପି ସ୍କୁଲ, କଲମପୁର, କଳାହାଣ୍ଡି

୭ **ଗୁନ୍ ଗୁନ୍ ପଣ୍ଡା**
କ୍ଲାସ-୫, ବ୍ଲକ ସ୍କୁଲ କନିସି, ଗଞ୍ଜାମ





୮ **ଦୀପ୍ତିରେଖା ବେହେରା**
କ୍ଲାସ- ୪, ଏନଆରଆଇ ଇଣ୍ଟର ନ୍ୟାସନାଲ ସ୍କୁଲ, ଭଦ୍ରକ



୧




୨



୩





୪




୫




୬



୭



୮


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସବୁଠୁ ବଡ଼ କଖାରୁ




ଗୋଟିଏ କଖାରୁ ଯଦି ଅତ୍ୟଧିକ ବଡ଼ ହୋଇଥାଏ ତେବେ ତାହା କେତେ ଓଜନର ହୋଇଥିବ ବୋଲି ଆମେ ଅନୁମାନ କରିପାରିବା। ଅତିବେଶିରେ ହୁଏତ ୧୦ରୁ ୨୦ କିଲୋଗ୍ରାମ ହୋଇପାରିବ ବୋଲି ସମସ୍ତେ ହୁଏତ ଭାବିପାରିବେ। କିନ୍ତୁ ଗୋଟେ କଖାରୁର ଓଜନ ଯେ ୧୦୦୦ କିଲୋଗ୍ରାମ୍‌ରୁ ଅଧିକ ହୋଇପାରେ ଏକଥା ହୁଏତ ଆଶ୍ଚର୍ଯ୍ୟ କରିପାରେ। ତେବେ ୧,୨୪୬.୯ କିଲୋଗ୍ରାମ୍‌ର ଏକ କଖାରୁ ଉତ୍ପାଦନ ହୋଇଛି କାଲିଫର୍ନିଆରେ। ଟ୍ରାଭିସ୍ ଜେଞ୍ଜର ନାମକ ଜଣେ ଚାଷୀ ତାଙ୍କ ଜମିରୁ ଏହି କଖାରୁଟିକୁ ଉତ୍ପାଦନ କରି ପ୍ରଦର୍ଶିତ କରିଛନ୍ତି, ଯାହା ଏବେ ବିଶ୍ୱର ସବୁଠୁ ଓଜନିଆ କଖାରୁ ମାନ୍ୟତା ପାଇଛି। ଗତବର୍ଷ ଅକ୍ଟୋବର ୯ ତାରିଖରେ ତାଙ୍କୁ ଏଥିପାଇଁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ଏତେ ବଡ଼ କଖାରୁକୁ ଏକ କ୍ରେନ୍ ସାହାଯ୍ୟରେ ଉଠାଇ ପ୍ରଦର୍ଶନୀକୁ ନିଆ ଯାଇଥିଲା। ତେବେ ପ୍ରଦର୍ଶନୀରେ ଏହି କଖାରୁକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ସବୁଠୁ ବଡ଼ କଖାରୁର ରେକର୍ଡ ଥିଲା ଇଟାଲିର ଷ୍ଟେଫାନୋ ବୁଟୁପିଙ୍କ ପାଖରେ। ୨୦୨୧ ମସିହାରେ ସେ ୧,୨୨୬ କିଲୋଗ୍ରାମ୍‌ର ଏକ କଖାରୁ ପ୍ରଦର୍ଶିତ କରିଥିଲେ।

## ଏଥରର



- କେଉଁ ତାପମାତ୍ରାରେ ପାଣି ଫୁଟିବା ଆରମ୍ଭ କରେ ?
- ଅଧିବର୍ଷରେ ଫେବୃଆରୀ ମାସ କେତେ ଦିନିଆ ହୁଏ ?
- ଲେମ୍ବୁରେ କେଉଁ ଏସିଡ୍ ରହିଥାଏ ?
- ପୃଥିବୀର ଦୀର୍ଘତମ ନଦୀର ନାମ ?
- ଲୋକପ୍ରିୟ 'ପଞ୍ଚତନ୍ତ୍ର' ଗପ ବହିର ଲେଖକ ?

## ଗତଥରର ଉ ତ୍ତ ର



- ଥାଇଲାଣ୍ଡ
- ଭିଟାମିନ୍-ବି
- ରାଇଟ୍ ବ୍ରଦର୍ସ
- ୱିଲିୟମ୍ ସେକ୍ସପିୟର
- ଆଇଜାକ ନିଉଟନ



## ଉଜ୍ଜ୍ୱଳ ଦିଶଇ ଛବି

ଶୀତ କାକରରେ ଘନ କୁହୁଡ଼ିରେ
ଲୁଚିଥିଲେ ପରା ରବି
ଶୀତ ଚାଲିଗଲା ବସନ୍ତ ଆସିଲା
ଉଜ୍ଜ୍ୱଳ ଦିଶଇ ଛବି।
ଋତୁ ପରେ ଋତୁ ଧରାକୁ ଆସନ୍ତି
ଦେଖାନ୍ତି ତ କରାମତି
ଏଇ କଥା ପରା ଆମକୁ ଶିଖାନ୍ତି
କାଳର କରାଳ ଗତି।
କେହି ରହି ନାହିଁ ଚିରକାଳ ପାଇଁ
ବହୁଛି ସଂସାର ନଈ
ସମୟ ସାଥୀରେ ସବୁ ହଜିଯାଏ
କାଳ ତ ନିଏ ଛଡ଼େଇ।
ମାନ ଅପମାନ ନିନ୍ଦା ଆଉ ଯଶ
ମଣିଷକୁ ମିଳିଥାଏ
କର୍ମ ଅନୁସାରେ ଫଳ ଫଳିଥାଏ
ଏକଥା ଅନ୍ୟଥା ନୁହେଁ।
ଶୁଦ୍ଧ ଆଚରଣ ଶୁଦ୍ଧ ଉଚ୍ଚାରଣ
କରିଲେ ମହତ କର୍ମ
ଭଲ ମଣିଷରେ ଗଣା ହେବ ପୁଣି
ମିଳିବ ଖାଲି ସୁନାମ।

**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥରୋଡ, ଭୁବନେଶ୍ୱର
ମୋ: ୯୪୩୭୬୬୪୦୧୪

## କ ବି ତା

## ଓଡ଼ିଆ କହିବା ଆସ

ଆହା କି ସୁନ୍ଦର କେତେ ସୁମଧୁର
ଓଡ଼ିଆ ଭାଷାଟି ସତେ
କିଏ ହେବ ତାହା ସମାନ ଜଗତେ
ରହିଅଛି ଭାଷା ଯେତେ।
ଆମ ପରିଚୟ ଅଟେ ଆମ ଭାଷା
ଆମ ପାଇଁକି ବଢ଼ିଆ
ଓଡ଼ିଶା ମାଟିର ପୁଅଝିଅ ସବୁ
ଖୁସିରେ ପଢ଼ ଓଡ଼ିଆ।
ଆଗ ମାତୃଭାଷା ପରେ ଅନ୍ୟ ଭାଷା
ଏକଥା ରଖିବା ମନେ
ମାଆକୁ, ମାଟିକୁ ସମ୍ମାନ ଦେବାକୁ
ଭୁଲିବା ନାହିଁ ଜୀବନେ।
ଶାସ୍ତ୍ରୀୟ ମାନ୍ୟତା ପାଇଛି ଏ ଭାଷା
ବଢ଼ିଛି ଏ ଜାତି ଯଶ
ଓଡ଼ିଆ ପଢ଼ିବା ଓଡ଼ିଆ ଲେଖିବା
ଓଡ଼ିଆ କହିବା ଆସ।

**– ଗୋବିନ୍ଦ ଚନ୍ଦ୍ର ମହାରଣା**
ମଙ୍ଗଳାନଗର, ଲେନ୍-୧, ଖୋର୍ଦ୍ଧା
ମୋ: ୯୪୩୮୭୩୪୬୪୪

## ବିଲୁଆ ନନା

ବିଲୁଆ ନନାରେ ବିଲୁଆ ନନା
ପଛକୁ ଆଉ ତୁ ଫେରି ଚାହାଁ ନା,
ଉଜୁଡ଼ି ଯାଇଛି ତୋହର ଘର
ଦେଖୁଛୁ ମଣିଷ କି ସ୍ୱାର୍ଥପର।
ନାହିଁ ବଣ, ବୁଦା ଅବା ଜଙ୍ଗଲ
କହ ଆଜି ହେଉ କି କଲବଲ,
ବିଲ ବାଡି ନାହିଁ ସବୁଠି ଘର
କେଉଁଠୁ ପାଇବୁ କହ ଆହାର।
ପରିବେଶ ଯଦି ଯାଏ ବିଗିଡ଼ି
ମଣିଷ ସମାଜ ଯିବ ଉଜୁଡ଼ି,
ବିଲୁଆ ନନାର ଶୁଭୁନି ସ୍ୱର
ବୁଡ଼ି ଯିବ ସତେ ବଂଶ ତାହାର
ଭାବ ଟିକେ ବସି ବିଲୁଆ କଥା
ପରିବେଶ ପାଇଁ ନ ଥିବ ଚିନ୍ତା !

**– ଶିବ ପ୍ରସାଦ ଚାନ୍ଦ**
ପୁରୁଣିଆଁ, କେନ୍ଦୁଝର
ମୋ: ୯୪୩୮୧୬୦୫୪୫

## କହିଲ ଦେଖି



ବୁଦାଳିଆ ଗଛ ଦେଖିବାକୁ ସ୍ୱଚ୍ଛ
ଚଷା କିଆରିରେ ମିଳଇ
ଭୂମିତଳେ ଫଳେ ବଜାରରେ ମିଳେ
କଞ୍ଚା ଚୋବେଇଲେ ଚଳଇ
କାକୁଡ଼ି ଗାଜର ତାକୁ ମିଶେଇକି
ସାଲାଡ୍ ଦିଏ ମୁଁ ବନେଇ
ଯିଏ କହିଦେବ ଏହାର ନାମକୁ
ତାଙ୍କୁ ଦେବି ମୁହିଁ ଯୋଗେଇ।

**ଉତ୍ତର– ମୂଳା**



ଲମ୍ବାଳିଆ ଦେହ ତା'ର, ରଙ୍ଗଟି କମଳା
ମାଟି ତଳେ ଫଳେ କିନ୍ତୁ ନୁହେଁ ଇଏ ମୂଳା
ଚାଷୀ ଚାଷ କଲେ ଇଏ ମିଳେ ପୁଳା ପୁଳା
କ୍ୟାଲସିୟମ ଭରପୂର ବହୁତ ଆଦର
କହିପାରିବ କିଏ ନାମଟି ତାହାର ?

**ଉତ୍ତର – ଗାଜର**



ଦେହ ତା'ର ଲମ୍ବାଳିଆ
ସବୁଜ ରଙ୍ଗର
କାଟିଦେଲେ ପନିକିରେ
ଲାଗେ ସେ ନାଲୁଆ
ଗଛରେ ସେ ଥିଲାବେଳେ ଉପର ମୁହିଁଆ
ମୂଳଆଡୁ ମୋଟା ଥାଏ ଅଗରେ ମୁନିଆ
କହିଦେଲୁ ତା'ର ନାମ ଦେଖିରେ ସାନିଆ ?

**ଉତ୍ତର– ଭେଣ୍ଡି**



ନଟୁ ପରି ତା'ର ଆକାର
ଗାଢ଼ ଲାଲ୍ ତା' କଲର
ହାଟରେ ମିଳଇ ପ୍ରଚୁର
ଚଢ଼ା ଦରରେ ମିଳେ
ପିଲାଠାରୁ ବୁଢ଼ା ଯିଏ ଖାଇଲେ ବି ଚଳେ।
କହିଲ ଦେଖି କେ ତା' ନାମ ପିଲେ ?

**ଉତ୍ତର – ବିଟ୍**

**– ଦୀନବନ୍ଧୁ ପୋଇ,** ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

# ଆଖି ଚଷମା ପରି

ପିଲାଏ, ତୁମେମାନେ ତ ବିଭିନ୍ନ ପ୍ରକାର ପ୍ରାଣୀ ଦେଖିଥିବ। ବିଶ୍ୱର ଅନ୍ୟତମ ଅଦ୍ଭୁତ ପ୍ରାଣୀ ହେଉଛି ଟାର୍ସିୟର। ସାଧାରଣତଃ ଦକ୍ଷିଣ-ପୂର୍ବ ଏସିଆରେ ଏମାନେ ଦେଖିବାକୁ ମିଳିଥାଆନ୍ତି। ଏମାନଙ୍କର ଆଖି ଏଭଳି ବଡ ଯେ ତାହାକୁ ସେମାନଙ୍କର ମସ୍ତିଷ୍କ ସହ ତୁଳନା କରାଯାଇଥାଏ। ଏହି ପ୍ରାଣୀର ଆଖି ଦେଖିବାକୁ ଗୋଲାକାର ଏବଂ ଚଷମା ସଦୃଶ ହୋଇଥାଏ। କାରଣ ସେମାନଙ୍କ ଆଖି ଉପରେ ଆଲୋକ ପଡିଲେ ତାହା ଚଷମା ପରି ଦେଖାଯାଏ। ହେଲେ ସେମାନଙ୍କର ଦୃଷ୍ଟି ଶକ୍ତି ବେଶ୍ ତୀବ୍ର। ରାତିର ଘନ ଅନ୍ଧକାର ଭିତରେ ସେମାନେ ସବୁକିଛି ଦେଖିପାରନ୍ତି। ନିଜ ଶିକାର ଭାବରେ ଖୁବ୍ ସୂକ୍ଷ୍ମ କୀଟପତଙ୍ଗକୁ ସେମାନେ ଠାବ କରି ଖାଆନ୍ତି। ବିଭିନ୍ନ ରଙ୍ଗକୁ ସେମାନେ ଗୋଟିଏ ରଙ୍ଗରେ ଦେଖିଥାଆନ୍ତି। ଏଭଳି ତୀକ୍ଷ୍ଣ ଦୃଷ୍ଟି ଶକ୍ତି ପାଇଁ ଏମାନଙ୍କୁ ଅଦ୍ଭୁତ ପ୍ରାଣୀ ତାଲିକାରେ ସାମିଲ କରାଯାଇଛି।





# କ୍ଷୀର ପିଅନ୍ତି ନାହିଁ ସାପ

ସାପକୁ ଦେଖିଲେ ଅଧିକାଂଶ ଲୋକ ଡରିଥା'ନ୍ତି। କାହିଁକିନା ସାପ ଏକ ବିଷଧର ପ୍ରାଣୀ, କିନ୍ତୁ ଆପଣ ଏକ କଥା ଜାଣିଛନ୍ତି କି ସାପ ଯଦି କ୍ଷୀର ପିଏ, ତେବେ ତାହା ତା' ପାଇଁ କୌଣସି ବିଷଠାରୁ କମ୍ ହୋଇ ନ ଥାଏ। ସାପ ସାଧାରଣତଃ ମାଂସାହାରୀ ପ୍ରାଣୀ। ସାପକୁ ଭୋକ ଲାଗିବା ମାତ୍ରେ ସେ ମୂଷା, ବେଙ୍ଗ, ପକ୍ଷୀ, ଝିଟିପିଟି ଏବଂ ନିଜଠାରୁ ଛୋଟ ସାପକୁ ଶିକାର କରି ପେଟ ଭରି କରିଥାଏ। ଅନ୍ୟପକ୍ଷରେ ଦେଖିଲେ ତା'ର ଶୋଷ ମେଣ୍ଟାଇବାକୁ ହେଲେ ସେ ପାଣି ପିଇଥାଏ। ବିଶେଷଜ୍ଞଙ୍କ ମତରେ ସାପଙ୍କୁ କ୍ଷୀର ପିଆଇବା ଭୁଲ୍ ଏବଂ ଏହା ତାଙ୍କ ଲାଗି କ୍ଷତିକାରକ ମଧ୍ୟ। ଖାଲି ଏତିକି ନୁହେଁ, କ୍ଷୀର ପିଇବା କାରଣରୁ ସାପଙ୍କର ମୃତ୍ୟୁ ହେବାର ମଧ୍ୟ ଆଶଙ୍କା ରହିଛି। କେତେକ ବିଶେଷଜ୍ଞଙ୍କ ମତରେ ସାପ କ୍ଷୀର ପିଇବା ଦ୍ୱାରା ତାଙ୍କର ହୃତ୍‌ପିଣ୍ଡ ଏବଂ ଅନ୍ତନଳୀ ଖରାପ ହେବାର ଆଶଙ୍କା ରହିଛି। ପୁଣି କିଛି ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଏ। ଏଥିପାଇଁ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ସାପଙ୍କୁ କ୍ଷୀର ପିଆଇବା ଅର୍ଥ ତାଙ୍କୁ ମାରିବା ସହିତ ସମାନ।

# ଆମ୍ବୁଲାନ୍ସ ନାମ କାହିଁକି ଓଲଟା ଲେଖାଯାଏ

ଜରୁରିକାଳୀନ ପରିସ୍ଥିତିରେ କୌଣସି ପେସେଣ୍ଟକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତର କରାଯିବା ଲାଗି ଆମ୍ବୁଲାନ୍ସ ବ୍ୟବହୃତ ହୋଇଥାଏ। ଏହି ସ୍ଥିତିରେ ସରକାରୀ ଆମ୍ବୁଲାନ୍ସ ନ ମିଳିବା କାରଣରୁ ପ୍ରାଇଭେଟ ଆମ୍ବୁଲାନ୍ସର ବ୍ୟବହାର କରାଯାଇଥାଏ। ସବୁ ଲୋକ ରାସ୍ତାରେ ଯିବା ସମୟରେ କିଛି ନା କିଛି ଆମ୍ବୁଲାନ୍ସକୁ ଦେଖିଥା'ନ୍ତି। ଆପଣ ଆମ୍ବୁଲାନ୍ସ ଯିବା ସମୟରେ ଏହାର ସ୍ପେଲିଙ୍ଗ ଓଲଟା ଲେଖାଯାଇଥିବାର ଦେଖିଥିବେ। ରାସ୍ତାରେ ପ୍ରାୟ ଅନେକ ସମୟରେ ଟ୍ରାଫିକ ଭିଡ଼ ଥାଏ। ଏଥିଯୋଗୁଁ ହୁଏତ କେତେକ ଆମ୍ବୁଲାନ୍ସ ସାଇରନ ଠିକ୍ ଭାବରେ ଶୁଣିପାରି ନ ଥା'ନ୍ତି। କିନ୍ତୁ ଚଲାଉଥିବା ଗାଡ଼ି ମିରରରେ ଆମ୍ବୁଲାନ୍ସର ଓଲଟା ଲେଖାଯାଇଥିବା ନାମକୁ ଠିକ୍ ଭାବରେ ଦେଖିପାରନ୍ତି ଏବଂ ସେଥିପ୍ରତି ସଚେତନ ହୁଅନ୍ତି। ତେଣୁ ଆମ୍ବୁଲାନ୍ସର ସାମ୍ନା କାଚରେ ଏହାର ନାମ ଓଲଟା ଲେଖାଯାଇଥାଏ। ଫଳରେ ଆମ୍ବୁଲାନ୍ସ ଯିବା ସମୟରେ ତାକୁ ରାସ୍ତା ଛାଡ଼ି ଦିଅନ୍ତି।






# ଚାଲାକ ସେଲ୍‌ଫିଶ୍

ସମୁଦ୍ରର ନୀଳ ଜଳରାଶି ଭିତରେ ଅନେକ ପ୍ରକାର ଜୀବ ବାସ କରନ୍ତି। ତନ୍ମଧ୍ୟରୁ ଡଲ୍‌ଫିନ୍, ସି' ଲାୟନ, ତିମି, ସାର୍କ ଆଦି ଅନ୍ୟତମ। ହେଲେ ଏହି ପାଣିରେ ବାସ କରୁଥିବା ଅନ୍ୟ ଏକ ଜୀବ ହେଉଛି ସେଲ୍‌ଫିଶ୍। ଏହାକୁ 'ଚାଲାକ ମାଛ' ବୋଲି କୁହାଯାଏ। କାରଣ କେହି ତାକୁ ଶିକାର କରିବାକୁ ଚାହିଁଲେ ତାହା ଏତେ ସହଜ ହୋଇ ନ ଥାଏ। କାରଣ ସେ ଶତ୍ରୁକୁ ଦେଖିବା ମାତ୍ରେ ବିଳମ୍ବ ନକରି ସେହି ସ୍ଥାନରୁ ଚାଲିଯାଏ। ପୁଣି ଏତେ ପ୍ରଖର ବେଗରେ ଯାଏ ଯେ ତାହାକୁ ଧରିବା ସମ୍ଭବ ହୁଏନା। ଏହାର ଗତି ଏତେ ପ୍ରଖର ଯେ, ତାହାକୁ କାର୍‌ର ଗତି ସହ ତୁଳନା କଲେ ଆଦୌ ଭୁଲ୍ ହେବ ନାହିଁ। ଏହାବ୍ୟତୀତ ସେଲ୍‌ଫିଶ୍‌ର ଦୃଷ୍ଟି ଶକ୍ତି ଭାରି ତୀବ୍ର। ବେଶ୍ କିଛି ଦୂରରୁ ସେ ଅନ୍ୟ ସାମୁଦ୍ରିକ ଜୀବଗୁଡ଼ିକୁ ଦେଖିପାରେ। ତେଣୁ ଆଖି ପିଛୁଳାକେ ନିଜ ଜୀବନ ବଞ୍ଚାଇବାକୁ ସେ ଦ୍ରୁତ ଗତିରେ ଚାଲିଯାଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାର ଗତିକୁ ଅନୁଧ୍ୟାନ କରି ସେଲ୍‌ଫିଶ୍‌କୁ 'ସବୁଠାରୁ ତୀବ୍ର ଗତିରେ ଯାଉଥିବା ମାଛ' ଆଖ୍ୟା ଦିଆଯାଇଛି।

# ଆ ଇ ନା



ପ୍ରିୟାଂଶୀ ଜେନା
୧୦ବର୍ଷ, ଭୁବନେଶ୍ୱର



ପ୍ରତ୍ୟାଶା ବୁଡେକ୍
୯ବର୍ଷ, ବରଗଡ଼